# ସାଧାରଣତନ୍ତ୍ର ଦିବସରେ ଅନୁଚିନ୍ତା

ପ୍ରଫେସର ବୈଷ୍ଣବ ଚରଣ ସାମଲ

ଦୀର୍ଘ କାଳର ବ୍ରିଟିଶ ଶାସନ କବଳରୁ ପୁଣ୍ୟ ଭାରତ ମୁକ୍ତ ହେଲା ପରେ (୧୯୪୭ ଅଗଷ୍ଟ ୧୫) ୧୯୫୦ ମସିହା ଜାନୁଆରୀ ୨୬ ତାରିଖ ଦିନ ସ୍ୱାଧୀନ ଭାରତର ପ୍ରଥମ ସମ୍ବିଧାନ, ଯାହା ଡକ୍ଟର ବାବା ସାହେବ ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତ ହୋଇଥିଲା, ତାହା ଲୋକସଭାରେ ପାରିତ ହୋଇଗଲା ଓ ଭାରତବର୍ଷ ଲାଭ କଲା ତା'ର ସମ୍ବିଧାନ । ଭାରତ ହେଲା ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର । ଏହା ମଧ୍ୟ ହେଲା ପୃଥିବୀର ସବୁଠାରୁ ବୃହତ୍ ଗାଣତନ୍ତ୍ରିକ ଦେଶ । ଭାରତ ହିଁ ଏକମାତ୍ର ଦେଶ ଯେଉଁଠି ବାସ କରନ୍ତି ନାନା ଧର୍ମ, ନାନା ଭାଷା, ନାନା ଆଚାର ବିଚାରର ଲୋକ ଓ ଏ ଦେଶ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଦେଶ ନ ହୋଇ, ହେଲା ସବୁ ଧର୍ମ, ସବୁ ଭାଷାର ଅପୂର୍ବ ମିଶ୍ର ରାଗ, ଅନ୍ୟ ଅର୍ଥରେ ହେଲା ଧର୍ମ ନିରପେକ୍ଷ ରାଷ୍ଟ୍ର । ବିବିଧ ବୈଷମ୍ୟ ବୈଚିତ୍ର୍ୟ ଥିଲେ ମଧ୍ୟ ଭାରତର ଆତ୍ମାର ବାଣୀ ହେଉଛି ବୈଷମ୍ୟ ମଧ୍ୟରେ ସାମ୍ୟ, ଅନୈକ୍ୟ ମଧ୍ୟରେ ଐକ୍ୟ । ଯିଏ ଯାହାର ଧର୍ମ ତାହା ପାଳନ କରୁ, ଅନ୍ୟକୌଣସି ଧର୍ମକୁ ନିନ୍ଦା ନ କରୁ, ପ୍ରତ୍ୟେକ ଧର୍ମର ଅନ୍ତର୍ନିହିତ ତତ୍ତ୍ୱକୁ ଉପଲବ୍ଧ କରୁ, ଈଶ୍ୱରଙ୍କ ନାମ –ବିଭିନ୍ନ ଧର୍ମରେ ଭିନ୍ନ ଭିନ୍ନ ହୋଇଥାଉ ମାତ୍ର ସେ ଯେ ଏକ, ତାହା ସମସ୍ତେ ଜାଣନ୍ତୁ ଓ ମାନବ–ମୈତ୍ରୀ–ଧର୍ମକୁ ପ୍ରାଧାନ୍ୟ ଦିଅନ୍ତୁ– ଏହାହିଁ ଆମ ସମ୍ବିଧାନର ମର୍ମ । ଏବେ ଆମ ଗଣତନ୍ତ୍ରକୁ, ଆମ ସମ୍ବିଧାନକୁ ସତୁରୀ ବର୍ଷ ହୋଇଗଲା । ଏଇ ସତୁରୀ ବର୍ଷ ଭିତରେ ଆମେ କ'ଣ କରିଛୁ, ଆମ ସମ୍ବିଧାନକୁ କେତେ ମାନ୍ୟତା ଦେଇଛୁ, ଆମ ଗଣତନ୍ତ୍ରକୁ କେତେ ଭଲ ପାଇଛୁ ଓ ଦେଶର ଅଖଣ୍ଡତା ରକ୍ଷା ପାଇଁ କେତେ ପରିମାଣରେ ଆମେ ବଦ୍ଧପରିକର ହୋଇଛୁ, ତାହା ବିଚାର କରିବା କଥା ।

ଉପରୋକ୍ତ ବିଷୟକୁ ବିଶ୍ଳେଷଣ କରିବା ପୂର୍ବରୁ ପ୍ରଥମତଃ ଆମକୁ ବିଚାର କରିବାକୁ ହେବ ଯେ କାହିଁକି ଦେଶ ବ୍ୟାପୀ ସଂଘର୍ଷ ଦେଖା ଦେଉଛି ? ଏଥିରେ କାହାର କ'ଣ ସ୍ୱାର୍ଥ ଅଛି ? ଏହାଦ୍ୱାରା ଆମର ଜାତୀୟ ସଂପତ୍ତି ନଷ୍ଟ ହୁଏ । କେହି ବୁଝନ୍ତି ନାହିଁ ଯେ ଦେଶ ରହିଲେ ସମସ୍ତେ ରହିବେ, ଦେଶ ଯଦି ନ ରହେ ଏସବୁ ରହିବ କି ? ଗଣତନ୍ତ୍ରରେ କହିବାର ସ୍ୱାଧୀନତା ଅଛି ବୋଲି କ'ଣ ଯିଏ ଯାହା ଚାହିଁବ ତାହା କହିପାରିବ, ତାହା ନୁହେଁ ? ତାହାର ଅର୍ଥ ହେଉଛି ଭାରତର ଜନଗଣ ଏ ପର୍ଯ୍ୟନ୍ତ ଗଣତନ୍ତ୍ର ପାଇଁ ସଚେତନ ବା ପ୍ରସ୍ତୁତ ହୋଇନାହାନ୍ତି ।

ଗଣତନ୍ତ୍ରର ସତୁରୀ ବର୍ଷପରେ ଏବେ ଚିନ୍ତା କରିବାକୁ ହେଉଛି ଯେ ଭାରତରେ କେବଳ ନୁହେଁ, ସାରା ପୃଥିବୀରେ ରାଜତନ୍ତ୍ର ଦୀର୍ଘକାଳ ଧରି ଅଖଣ୍ଡ ପ୍ରଭାବ ପକାଇଥିଲା । ରାଜାମାନେ ଥିଲେ ନର ରୂପରେ ଦେବତା, ଅଥଚ ରାଜତନ୍ତ୍ର ଗଲା ତା'ର ଅତ୍ୟଧିକ ଉପଭୋଗ–ଲାଳସା ପାଇଁ, ସ୍ୱେଚ୍ଛାଚାରିତା ପାଇଁ, ରାଜକର୍ମଚାରୀମାନଙ୍କର ମନୋମୁଖୀ କାର୍ଯ୍ୟକଳାପ ପାଇଁ । ତା'ପରେ ରାଜତନ୍ତ୍ର ଓ ସାମନ୍ତତନ୍ତ୍ର ଆସିଲା । ତାହା ମଧ୍ୟ ଗଲା । ଏହାପରେ ଭିନ୍ନ ଭିନ୍ନ ଶାସନ ବ୍ୟବସ୍ଥା କାୟା ବିସ୍ତାର କଲା । ହେଲେ ତାହା ରହିପାରିଲା ନାହିଁ । ଅଥଚ ଗଣତନ୍ତ୍ର, ଯାହା ଫରାସୀ ବିପ୍ଳବର ବରଦାନ, ତାହା ସାରା ପୃଥିବୀକୁ ସଂକ୍ରମିତ ହୋଇଗଲା ଓ ଯାହାକୁ ପ୍ରସିଦ୍ଧ ବିଦ୍ୱାନମାନେ ସ୍ୱାଗତ ଜଣାଇଲେ ଓ କହିଲେ ଗଣତନ୍ତ୍ର

ହିଁ ଶ୍ରେଷ୍ଠ ଶାସନ ପଦ୍ଧତି । ଏହା ଲୋକଙ୍କ ପାଇଁ, ଲୋକଙ୍କ ଦ୍ୱାରା ଓ ଲୋକମାନଙ୍କର ଶାସନ ପଦ୍ଧତି । ଏଥିରେ ଲୋକେ ହିଁ ମୁଖ୍ୟ । ଲୋକେ ଭୋଟ ଦେଇ ପ୍ରତିନିଧି ନିର୍ବାଚନ କରନ୍ତି । ସେହି ପ୍ରତିନିଧିମାନେ ହୁଅନ୍ତି ଲୋକଙ୍କ ମୁଖପାତ୍ର । ସେହିମାନେ ହିଁ ଲୋକଙ୍କ ଦାବି ଉପସ୍ଥାପନ କରନ୍ତି ଶାସନ–ସଭାରେ । ତେଣୁ ଦେଶେ ଦେଶେ ଗଣତନ୍ତ୍ର ପ୍ରତି ଆଦର ପ୍ରକାଶ ପାଇଲା ।

ଭାରତବର୍ଷର ଗଣତନ୍ତ୍ର ତଥାପି ଦୀପ୍ତ ମଶାଲ ଧରି ରଖିଛି । କାରଣ ଭାରତର ମାଟି ହେଉଛି ଗଣତନ୍ତ୍ରର ମାଟି । ତାହାର ନଜିର ହେଉଛି ବେଦବେଦାନ୍ତରେ ରାଜଧର୍ମ ଓ ରାଜାର କର୍ତ୍ତବ୍ୟ ସମ୍ପର୍କିତ ବର୍ଣ୍ଣନାରୁ, ରାମାୟଣର ରାମଚନ୍ଦ୍ର ଓ ମହାଭାରତର ଶରଶଯ୍ୟାରେ ଶାୟିତ ଭୀଷ୍ମଙ୍କର ଉପଦେଶରୁ । ପରେ ପରେ ଭାରତର ନାନା ବିପର୍ଯ୍ୟୟ ହୋଇଛି । ବୈଦେଶିକମାନେ ବାରମ୍ବାର ଭାରତକୁ ଆକ୍ରମଣ କରିଛନ୍ତି, ଅଧିକାର କରିଛନ୍ତି, ଲୁଣ୍ଠନ ଓ ଅତ୍ୟାଚାର କରିଛନ୍ତି, ତଥାପି ଭାରତ ବଞ୍ଚିଛି ଓ ସ୍ୱାଗତ ଜଣାଇଛି ଲୋକତନ୍ତ୍ରକୁ ଓ ଗଣତନ୍ତ୍ରକୁ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତବର୍ଷ ସ୍ୱାଧୀନ ହେଲା । ସବୁ ସଂକଟକୁ ମୁକାବିଲା କରି ଭାରତ ଶୁଣାଇଲା ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟର ବାଣୀ । ଗାନ୍ଧୀବାଦ କିନ୍ତୁ ବଞ୍ଚିରହିଲା ଓ ଏବେ ଦେଢଶହ ବର୍ଷପରେ ମନେ ହେଉଛି ଗାନ୍ଧୀବାଦ ହିଁ ଯେପରି ଏକମାତ୍ର ଆଦର୍ଶ ହେବାକୁ ଯାଉଛି ସାରା ପୃଥିବୀରେ । ଯେଉଁ ଗଣତନ୍ତ୍ର ଚାଲିଆସିଲା ଏପର୍ଯ୍ୟନ୍ତ, ସେଥିରେ ଯେପରି ଉପଲବ୍ଧି ହେଉଛି ଏକ ନୂତନ ଚେତନା । ଏହାର ପ୍ରଥମ ପ୍ରଣବ ଉଚ୍ଚାରିତ ହେଉଛି ଏକ ନୂତନ ଚେତନା । ଏହା ହେଉଛି ଓଡ଼ିଶାରୁ । ଏହା ହିଁ ଉତ୍ତର – ଗଣତନ୍ତ୍ରର ସଂକେତ । ଏ ଗଣତନ୍ତ୍ରରେ ଧର୍ମ ରହିବ, ତାହା କିନ୍ତୁ କୌଣସି ସାମ୍ପ୍ରଦାୟିକ ଧର୍ମ ନୁହେଁ । ତାହା ହେବ ଅଧ୍ୟାତ୍ମ ଉଦ୍ଦୀପିତ ଧର୍ମ ଓ ଗଣତନ୍ତ୍ର ହେବ ଅଧ୍ୟାତ୍ମ ଉତ୍ତରିତ ଗଣତନ୍ତ୍ର । ଏଥିରେ ଲୋକେ ହିଁ ହେବେ ପ୍ରକୃତ ମାଲିକ । ସେମାନେ ନିର୍ବାଚିତ କରିବେ ସେମାନଙ୍କ ନେତାଙ୍କୁ ଓ ନେତା ଦାୟିତ୍ୱ ତୁଲାଇବାରେ ଅସମର୍ଥ ହେଲେ ତାହାଙ୍କୁ ବାହାର କରିଦେବାକୁ କ୍ଷମତା ରହିବ । ନେତାମାନେ ଦେଶ ପ୍ରତି ଓ ଲୋକଙ୍କ ପ୍ରତି ଅଙ୍ଗୀକାରବଦ୍ଧ ହେବେ । ବିଳାସ ଓ ଉପଭୋଗବାଦରୁ ମୁକ୍ତ ହୋଇ ଲୋକଙ୍କ ସହିତ ମିଶିବେ, ସେମାନଙ୍କ ସମସ୍ୟାକୁ ଜାଣିବେ ଓ ତାହାକୁ ଦୂର କରିବାକୁ ଉଦ୍ୟମ କରିବେ । ଏବେ ଓଡ଼ିଶାରେ ଆରମ୍ଭ ହୋଇଛି ନୂତନ ପ୍ରକ୍ରିୟା– ପ୍ରଶାସକମାନେ ଯିବେ ଲୋକଙ୍କ ପାଖକୁ, ବିଧାୟକ, ସାଂସଦ ଓ ମନ୍ତ୍ରୀମାନେ ମଧ୍ୟ ଲୋକଙ୍କ ପାଖକୁ ଯିବେ । ସେମାନଙ୍କ ସମସ୍ୟାକୁ ତୁରନ୍ତ ସମାଧାନ କରିବେ । ସବୁ କ୍ଷେତ୍ରରେ ସଂସ୍କାର ଆରମ୍ଭ ହୋଇଯାଇଛି । ଏହାର ଶ୍ରେୟ ନିଶ୍ଚିତ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର । ତେବେ Science Today ପତ୍ରିକାରେ ଛଅଜଣ ବୈଜ୍ଞାନିକଙ୍କ ମିଳିତ ଚେଷ୍ଟାରେ ପ୍ରକାଶିତ ଏକ ଲେଖାରେ ଉଲ୍ଲେଖ ଅଛି ଯେ, ଏକବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ପୃଥିବୀରେ ଘୋର ସଂକଟ ସୃଷ୍ଟି ହେବାକୁ ଯାଉଛି । ସେହି ସଂକଟ ହେଉଛି ୨୦୪୩ ମସିହା ବେଳକୁ ଜଳସଂକଟ ଭୟଙ୍କର ହୋଇଯିବ, ଭୂଗର୍ଭର ଜଳପତନ ବହୁ ତଳକୁ ଚାଲିଯିବ । ୨୦୬୩ ମସିହା ବେଳକୁ ପୃଥିବୀ ଗର୍ଭରେ ଥିବା ଖଣିଜ ସମ୍ପଦ ସରିଯିବ । ସୂର୍ଯ୍ୟ ପୃଥିବୀର ବହୁ ନିକଟବର୍ତ୍ତୀ ହୋଇଯିବେ । ଭୟଙ୍କର ଉତ୍ତାପ ବଢ଼ିବ । ବୃକ୍ଷଲତା ଲୋପ ପାଇବ । ମରୁଭୂମି ପାଲଟି ଯିବ ସର୍ବତ୍ର । ଘନ ଘନ ଭୂକମ୍ପ, ବାତ୍ୟା, ଅଗ୍ନ୍ୟୁତ୍ପାତ, ଅଜଣା ବ୍ୟାଧି ହେବା ଫଳରେ ଲୋକ କ୍ଷୟ, ଜୀବଜନ୍ତୁ ବିନାଶ ଇତ୍ୟାଦି ଘଟିବ । ଏପରି ଯଦି ହୁଏ, କ'ଣ ହେବ ପୃଥିବୀର ଭାଗ୍ୟ ? କ'ଣ ହେବ ଭାରତର ଅବସ୍ଥା ? ଗୋଟାଏ କଳ୍ପର କ୍ଷୟ ହେଲା ପରେ ପୁନର୍ବାର ନୂତନ କଳ୍ପର ଉନ୍ମେଷ ଘଟେ ଓ ପୁନର୍ବାର ମନୁଷ୍ୟ, ଜୀବଜନ୍ତୁ ଓ ବନଲତାର ହୁଏ ସୃଜନ । ସେହି ଅବସ୍ଥାହିଁ ହେବ ଉତ୍ତର–ଗଣତନ୍ତ୍ରର ଯୁଗ । ତାହା ହେବ ସ୍ନେହ ଶ୍ରଦ୍ଧା ମୈତ୍ରୀ ଓ ମାନବିକତାର ବାସ୍ନାରେ ବାସ୍ନାୟିତ । ଏହି ବାସ୍ନାର ଆଭାସ ଓଡ଼ିଶାରୁ ମିଳିବା ଆରମ୍ଭ କରିଛି ଓ ଏହା କ୍ରମେ ସମଗ୍ର ଦେଶକୁ ସଂକ୍ରମିତ ହୋଇଯିବ ବୋଲି ଆଶା ଓ ବିଶ୍ୱାସ । ଗଣକୁ ଭିକାରୀ ନ କରି, ପରମୁଖାପେକ୍ଷୀ ହେବାକୁ ନ ଦେଇ ନିଜ ଗୋଡରେ ଛିଡା ହେବାକୁ ଓ ଶ୍ରମକାତର ନ ହୋଇ ଶ୍ରମ ପ୍ରତି ଅନୁରାଗୀ ହେବାକୁ ଯେ ପ୍ରକୃତ ଗଣତନ୍ତ୍ର ପ୍ରେରଣା ଦେବ, ଏଥିରେ ସନ୍ଦେହ ନାହିଁ ।

---

ଅପର୍ଣ୍ଣା ନଗର
ଚାଉଳିଆଗଞ୍ଜ, କଟକ– ୭୫୩୦୦୪